## ଗୋଷ୍ଠୀ ଶୌଚାଳୟରେ ଭଙ୍ଗାରୁଜା

୪ ଯୁବକ ଅଟକ

ଯୋଡା,(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ୪ ନଂ. ୱାର୍ଡସ୍ଥିତ ଆଜାଦ ବସ୍ତିର ନେପାଳି ହଟିଂରେ ଗୁରୁବାର କିଛି ଯୁବକ ଭଙ୍ଗାରୁଜା କରିଛନ୍ତି। ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶୌଚାଳୟରେ ପ୍ରତିଦିନ ସ୍ଥାନୀୟ କିଛି ଯୁବକ ମାଦକ ଦ୍ରବ୍ୟ ସେବନ କରିଥାନ୍ତି। ଫଳରେ ବସ୍ତିର ମହିଳାମାନେ ଶୌଚାଳୟକୁ ଯାଇ ପାରି ନ ଥାନ୍ତି। ସେଠାରେ ଆଡ୍ଡା ନ ଲଗାଇବା ପାଇଁ ଏକ ବୈଠକ କରି ମହିଳାମାନେ ଯୁବକମାନଙ୍କୁ କହିଥିଲେ। କିଛି ସମୟ ପରେ ଯୁବକମାନେ ଶୌଚାଳୟ ଭିତରେ ପଶି ଭଙ୍ଗା ରୁଜା କରିଥିଲେ।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ତରଫରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଆତିଥ୍ୟ ଭବନ, ହସ୍ପିଟାଲ ରୋଡ, ସମୟ: ଅପରାହ୍ଣ ୪ଟା।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶାନ୍ତିକାନନ, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**

- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୨ତମ ଜୟନ୍ତୀ ସମାରୋହ, ସ୍ଥାନ-ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପ୍ରତିମୂର୍ତ୍ତି ସ୍ଥଳ, ସମୟ: ପୂର୍ବାହ୍ଣ ୮ଟା ୩୦।

## ଢେଙ୍କିକୋଟ୍‌ରେ ଲକ୍ଷ୍ମୀନାରାୟଣଙ୍କ ଆରାଧନା



ଢେଙ୍କିକୋଟ,୧୬ା୧୨(ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ଶୁକ୍ରବାର ସଂକ୍ରାନ୍ତି ତିଥିରେ ପୂଜା କମିଟି ଦ୍ୱାରା ଲକ୍ଷ୍ମୀନାରାୟଣଙ୍କ ଆରାଧନା ଆରମ୍ଭ ହୋଇଛି। ପୂର୍ବାହ୍ଣ ୧୧ ଟା ବେଳେ କମିଟିର ପୁରଧା ତଥା ସଂକଳ୍ପଧାରୀ ଶ୍ରୀଧର ରାଉଳ ମୁଖ୍ୟ କଳସ ଆଣିଥିବା ବେଳେ ଉପାସକ ସାଧୁଚରଣ ନାଥ, ନିମାଇଁ ଚରଣ ନାୟକ, ରମାକାନ୍ତ ନାଏକ ଓ ବଳରାମ ନାଏକଙ୍କ ଦ୍ୱାରା କଳସଯାତ୍ରା କରାଯାଇଥିଲା। ପୂଜା କମିଟିର ୧୩ତମ ବାର୍ଷିକ ଲକ୍ଷ୍ମୀନାରାୟଣ ପୂଜା ହୋଇଥିବା ବେଳେ ଅଞ୍ଚଳରେ ଏହା ଏକ ମାତ୍ର ହୋଇଥିବାରୁ ଭକ୍ତଙ୍କ ଭିଡ଼ ଜମିଥାଏ। କମିଟିର ସଭାପତି ସୁରେଶ ସାହୁ, ସମ୍ପାଦକ ରବିନ୍ଦ୍ର ନାୟକ, ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସହଯୋଗ କରୁଛନ୍ତି। ୩ ଦିନ ଧରି ମଣ୍ଡପ ସମ୍ମୁଖରେ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଜାରି ରହିବ ବୋଲି ସଭାପତି ସାହୁ ପ୍ରକାଶ କରିଛନ୍ତି।

## ଗଡ଼ିଲା କୃଷି ରଥ

ଚାନ୍ଦବାଲି,୧୬ା୧୨(ଡି.ଏନ.ଏ.)- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର କୃଷି ରଥର ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବ୍ୟୋମକେଶ ରାୟ ପତାକା ଦେଖାଇ କୃଷିରଥର ଶୁଭାରମ୍ଭ କରିଥିଲେ। ଏହି ରଥ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଗାଁ ପରିଭ୍ରମଣ କରି ଚାଷୀମାନଙ୍କୁ ସଚେତନତା ବାର୍ତ୍ତା ଦେବ। ସରକାରଙ୍କ କୃଷି ଯୋଜନାରେ ସୌର ନିଧି ଜଳ ଦ୍ୱାରା କିପରି ଚାଷୀ ସୁବିଧା ପାଇପାରିବେ, ଇ-ରୋଗ ପୋକ ସର୍ବେକ୍ଷଣ ଦ୍ୱାରା ଚାଷ କିପରି କରିବେ, କୃଷିଭିତ୍ତିକ ଯନ୍ତ୍ରପାତି, ବିହନ ବିଶୋଧନ କିପରି ଭାବେ କରିବେ ଏସବୁ ବାର୍ତ୍ତା ପହଞ୍ଚାଇବାକୁ ଏହି ରଥ ପରିଭ୍ରମଣ କରୁଥିବା କୃଷି ଅଧିକାରୀ ଅରୁଣ ପାତ୍ର କହିଛନ୍ତି। ସହ କୃଷି ଅଧିକାରୀ ଲିପ୍‌ସା ପ୍ରିୟଦର୍ଶିନୀ, ଚୌଧୁରୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍କୁଟି ଡିକି ଭାଙ୍ଗି ୧ ଲକ୍ଷ ୫୭ ହଜାର ନେଇଗଲେ

ଆନନ୍ଦପୁର,୧୬ା୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘସିପୁରା ଥାନାର ଅନତି ଦୂରରେ ଥିବା ଏକ ପେଟ୍ରୋଲ ଟାଙ୍କି ନିକଟରୁ ଏକ ସ୍କୁଟି ଡିକି ଭାଙ୍ଗି ଦୁର୍ବୃତ୍ତ ୧ ଲକ୍ଷ ୫୭ ହଜାର ଟଙ୍କା ନେଇଯାଇଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଛି। ଲୁଟେରାମାନଙ୍କ ଟେର ମିଳିପାରିନି। ସୂଚନାଯୋଗ୍ୟ, ଘସିପୁରା ଥାନା ନଦୁଆଁ ଗ୍ରାମର ତ୍ରିଲୋଚନ ସାହୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଘସିପୁରା ଶାଖାରୁ ୧ ଲକ୍ଷ ୫୭ ହଜାର ଟଙ୍କା ଉଠାଇ ସ୍କୁଟିରେ ରଖିଥିଲେ। ଘସିପୁରା ବଜାରଠାରେ ଥିବା ଏକ ପେଟ୍ରୋଲ ଟାଙ୍କି ନିକଟରେ ଥିବା ମୋବାଇଲ୍ ଦୋକାନରେ ସ୍କୁଟି ରଖି କୌଣସି କାମରେ ଯାଇଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତ ସ୍କୁଟି ଡିକି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ଘସିପୁରା ପୁଲିସ ତଦନ୍ତ ଆରମ୍ଭ କରିଛି। ଲୁଟେରାଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ଥାନା ଅଧିକାରୀ ବିକ୍ରମ ଭୂୟାଁ ପ୍ରକାଶ କରିଛନ୍ତି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବଡ଼ସାହି,୧୬ା୧୨(ଡି.ଏନ.ଏ.)- ବଡ଼ସାହି ବ୍ଲକ ପଟିସାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୦ଟି ଇଭେଣ୍ଟ୍‌ରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଭୟ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତରେଇ, ସୁମନ୍ତ ନାୟକ, ଦୁଷ୍ମନ୍ତ ମଲ୍ଲିକ, ରାମକୃଷ୍ଣ ଜୀଉ, ନିରଞ୍ଜନ ପଲେଇ, କବିତା ସ୍ୱାଇଁ, ଅଞ୍ଜନା ବାରିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗର ମୋଟ ୩୦ କୃତି ଛାତ୍ରାଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆରମ୍ଭ ହେଲା ମିଳିତ ତଦନ୍ତ

## ମହାବଳ ଶିକାର ଘଟଣା

**ବାରିପଦା ଅଫିସ,୧୬ା୧୨**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ମହାବଳ ଶିକାର ପରେ ଚମଡ଼ା ବିକ୍ରି ଘଟଣାରେ ମିଳିତ ତଦନ୍ତ ଆରମ୍ଭ ହୋଇଛି। ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ(ପିସିସିଏଫ୍) ଓ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସ୍‌ଟିଏଫ୍)ର ସ୍ୱତନ୍ତ୍ର ପ୍ରତିନିଧି ଦଳ ଅଭୟାରଣ୍ୟକୁ ଆସି ତଦନ୍ତ ଜାରି ରଖିଛନ୍ତି। ବାଘ ଓ ଦନ୍ତାହାତୀ ଶିକାର ଘଟଣାକୁ ନେଇ ସବିଶେଷ ରିପୋର୍ଟ ସଂଗ୍ରହ ପୂର୍ବକ ଅନୁଧ୍ୟାନ ଜାରି ରହିଛି। ବାଘ ଚମଡ଼ା ବେପାରୀଙ୍କୁ ଗିରଫ କରିବା ପରେ ଶିକାରୀଙ୍କୁ ଧରିବାରେ ବନବିଭାଗ ଓ ଏସ୍‌ଟିଏଫ୍ ଫେଲ ମାରିଥିବାରୁ ଜନ ଅସନ୍ତୋଷ ତୀବ୍ର ରୂପ ଧାରଣ କରିବାକୁ ଯାଉଛି। ଖୁବ୍ ଶୀଘ୍ର ଶିକାରୀମାନଙ୍କୁ ଗିରଫ କରା ନ ଗଲେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସଜବାଜ ଚାଲିଥିବା ସୂଚନା ମିଳିଛି।

ମୟୂରଭଞ୍ଜ ଜିଲା ଉଦଳା ବନଖଣ୍ଡ ଅଧୀନ ବିସିପୁର ଅଞ୍ଚଳରେ ମହାବଳ ବାଘ ଚମଡା ବିକ୍ରି ଅଭିଯୋଗରେ ଏସ୍‌ଟିଏଫ୍ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଉଦଳା ଥାନା ମୂଷାମାରୀ ଗ୍ରାମର ଦେବାଶିଷ ପାତ୍ର ଓ ଦେବକୁଣ୍ଡ ନିକଟ ଶ୍ରୀଦାମଚନ୍ଦ୍ରପୁର ଗ୍ରାମର ଫାଗୁ ହାଁସଦା। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ବେଳେ ବିଭାଗୀୟ ତଦନ୍ତ ଜୋର ଧରିଛି। ବାଘ ଚମଡ଼ା ଜବତ ହେବାର ୭୨ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଶିକାରରେ ଜଡିତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାରେ ଉଭୟ ବିଭାଗର ଅପାରଗତା ପଦାରେ ପଡ଼ିଛି। ସୂଚନାଯୋଗ୍ୟ, ଜଙ୍ଗଲକୁ ଶିକାର ଉଦ୍ଦେଶ୍ୟରେ ୨ ପ୍ରକାର ଶିକାରୀ ଯାଇଥାନ୍ତି। ପର୍ବପର୍ବାଣୀ ସମୟରେ ଛୋଟ ଜୀବଜନ୍ତୁଙ୍କୁ ଶିକାର କରି ପର୍ବ ପାଳନ କରୁଥିବା ସୌଖିନ ଶିକାରୀ ରହିଛନ୍ତି। ସେମାନେ କେବଳ ବର୍ଷରେ ଥରେ କିମ୍ବା ଦୁଇ ଥର ଶିକାର ଉଦ୍ଦେଶ୍ୟରେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥାନ୍ତି। ସେହିପରି ବୃତ୍ତିଗତ ଶିକାରୀମାନେ ବାଘ, ହାତୀ, ହରିଣ ଏବଂ ଶମ୍ବର ଶିକାର କରିଥାନ୍ତି। ବାଘ ଶିକାର କରୁଥିବା ଶିକାରୀ ହାତୀ କିମ୍ବା ଅନ୍ୟ ଜନ୍ତୁ ଶିକାର କରିବାରେ ଅପାରଙ୍ଗମ। ସେହିପରି ହାତୀ ଶିକାର କରୁଥିବା ଶିକାରୀ ବାଘ କିମ୍ବା ଅନ୍ୟ ଜୀବଜନ୍ତୁ ଶିକାର କରିବାରେ ଅକ୍ଷମ। ଏମାନେ ବର୍ଷ ତମାମ ଜୀବଜନ୍ତୁଙ୍କ ଗତିବିଧି ଉପରେ ନଜର ରଖି ଶିକାର କରିବାରେ ସକ୍ଷମ ହୋଇଥାନ୍ତି। ବନ୍ୟଜନ୍ତୁଙ୍କ ଗତିବିଧି ଓ ଶିକାରୀଙ୍କ ଚଲାପଥ ଉପରେ ନଜର ରଖିବା ପାଇଁ କୋର୍ ଅଞ୍ଚଳରେ କ୍ୟାମେରା ଲଗାଯାଇଛି। କ୍ୟାମେରାରେ କଏଦ ହେଉଥିବା ଶିକାରୀମାନଙ୍କୁ ଠାବ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ସେମାନଙ୍କୁ ବିଭାଗ ପକ୍ଷରୁ ଅଭୟ ପ୍ରଦାନ ପୂର୍ବକ ଅନୁକମ୍ପା ସ୍ପଷ୍ଟ ବାରି ହୋଇପଡୁଛି। ତେବେ ଭିନ୍ନ ଶିକାରୀଙ୍କଠାରୁ ବାଘ ଚମଡ଼ା ଓ ଦାନ୍ତ ସଂଗ୍ରହ କରୁଥିବା ବେପାରୀଙ୍କୁ ଧରିବା ପରେ ଶିକାରୀମାନଙ୍କୁ ଗିରଫ କରିବାରେ ଉଭୟ ବିଭାଗ ଫେଲ ମାରିଛି। ଫାଗୁ ହାଁସଦାଙ୍କ ନିକଟରେ ଅନ୍ୟ ଏକ ମହାବଳ ଓ କଲରାପତରିଆ ବାଘ ଚମଡ଼ା ସହ ୮କେ.ଜି. ଓଜନର ହାତୀ ଦାନ୍ତ ରହିଥିବା ନେଇ ଡିଲ୍ ବେଳେ ଜଣାପଡ଼ିଥିଲା। ଏହାକୁ ଜବତ କରାଯାଇଛି କି ନାହିଁ ତାହାକୁ ନେଇ ଜିଲାବାସୀ ଆଶଙ୍କା ମଧ୍ୟରେ ରହିଛନ୍ତି। ବନବିଭାଗକୁ ସୁରକ୍ଷା ଦେବା ପାଇଁ ଏହା ଏକ ସୁପରିକଳ୍ପିତ ଯୋଜନା ବୋଲି ପ୍ରାଣୀପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି। ମିଳିମିଶି ଘଟଣାକୁ ଚାପି ଆଗକୁ ନ ବଢ଼ିବାକୁ ଯୋଜନା କରାଯାଉଥିବା ନେଇ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ସଂଯୁକ୍ତା ବସା କହିଛନ୍ତି। ମହାବଳ ଶିକାରରେ ଅନ୍ୟ କେଉଁମାନେ ଜଡିତ ରହିଛନ୍ତି ତାର ତଦନ୍ତ ପାଇଁ ପିସିସିଏଫ୍‌ର ଏକ ଟିମ ଶିମିଳିପାଳକୁ ଯିବାର ଦିନକ ପରେ ଏସ୍‌ଟିଏଫ୍ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଫାଗୁଙ୍କ ନିକଟରେ ଥିବା ଚମଡ଼ା ଜବତ କରିବାରେ ବିଭାଗ ସଫଳ ହେଉଛି ନା ଅପାରଗତାକୁ ଢାଙ୍କିବା ପାଇଁ ପ୍ରୟାସ କରାଯାଉଛି ତାହା ଦେଖିବାକୁ ବାକି ରହିଲା। ଏ ସଂକ୍ରାନ୍ତରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଟି. ଅଶୋକ କୁମାର କହନ୍ତି, ୨/୩ ଦିନ ମଧ୍ୟରେ ହାତୀ ମୃତ୍ୟୁ ଘଟଣାରେ ଜଡିତ ଥିବା ଅପରାଧୀ ଓ ଶିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାଘ ଚମଡ଼ା ବିକ୍ରି ଘଟଣାରେ ଏସ୍‌ଟିଏଫ ତଦନ୍ତ କରୁଥିବା ବେଳେ ଫେରାର ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।



@ଭବାନୀ



@ଶଶାଙ୍କ



@ଯଜ୍ଞେଶ୍ୱର

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com
ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ସଂଗ୍ରାମ ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ




ବାର୍ଷିକ ଉତ୍ସବରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ।

**ସିମୁଳିଆ, ୧୬ା୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ମହାବିଦ୍ୟାଳୟର ୪୧ତମ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଗୋପବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ୨୮ଟଙ୍କା ଚାନ୍ଦା ଆଦାୟ ମାଧ୍ୟମରେ ସିମୁଳିଆ କଲେଜ ସ୍ଥାପନା ସମ୍ପର୍କରେ ସୂଚନା ଦେବା ସହିତ ଉଭୟ କଲେଜ ଓ ଛାତ୍ରୀଛାତ୍ରମାନଙ୍କ ଉନ୍ନତି ପାଇଁ ୩ଟି ଟାର୍ଗେଟ୍ ରଖିଥିଲେ। ଅଧ୍ୟକ୍ଷ ମିଶ୍ର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସଂଗ୍ରାମ ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଉଭୟ ଶିକ୍ଷା ଓ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଇତିସ୍ମିତା ବିଶ୍ୱାଳ, ସଞ୍ଜୟ ରାଉତ, ଐଶ୍ୱର୍ଯ୍ୟା ରାଜଲକ୍ଷ୍ମୀ ମହାରଣା, କ୍ରୀଡ଼ାରେ ରମେଶ ଦାସ, ଅର୍ଚ୍ଚନା ଜେନା, ଶୁଭମ୍ ବିଶ୍ୱାଳ, ରଶ୍ମିତା ପରିଡ଼ା, ମଧୁସୂଦନ ସିଂ, ରୁବି ବେହେରା ଓ ସୁନେଲିକା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା ଅଧ୍ୟାପକ ବାଇଧର ମହାକୁଡ଼ ମାନପତ୍ର ପାଠ କରିଥିଲେ। ପ୍ରଥମ ପର୍ଯ୍ୟାୟ ଉତ୍ସବରେ ଛାତ୍ରୀ ମଧୁସ୍ମିତା ମିଶ୍ର ଓ ଅର୍ଚ୍ଚନା ପଣ୍ଡା ଏବଂ ଦ୍ୱିତୀୟ ପର୍ଯ୍ୟାୟ ଉତ୍ସବରେ ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ଓ ରଶ୍ମିପ୍ରଭା ସୁଆର ମଞ୍ଚ ସଞ୍ଚାଳନା କରିଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ, ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ଅତିଥି ପରିଚୟ, ଅଧ୍ୟାପକ ଉମାକାନ୍ତ ନାୟକ ବାର୍ଷିକ ବିବରଣୀ ପାଠ, ଅଧ୍ୟାପକ ଅଜିତ୍ କୁମାର ମହାନ୍ତି ପୁରସ୍କାର ବିତରଣ ଓ ଅଧ୍ୟାପକ ଦିଲ୍ଲୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକା ଅପହରଣ ପରେ ବଳାତ୍କାର ମାମଲା

# ଦୋଷୀଙ୍କୁ ୨୦ ବର୍ଷ ଜେଲ

**ବାଲେଶ୍ୱର ଅଫିସ, ୧୬ା୧୨**

ନାବାଳିକ ଅପହରଣ ପରେ ବଳାତ୍କାର ମାମଲାର ବିଚାର କରି ଶୁକ୍ରବାର ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍‌ସୋ) ରଞ୍ଜନ କୁମାର ସୂତାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ବର୍ଷ ଜେଲ୍ ସହ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା ୨୦୧୯ ଜୁନ୍ ୨୪ରେ ସ୍କୁଲ ଯିବା ସମୟରେ ଉକ୍ତ ଗ୍ରାମର ବୁଦ୍ଧିଆ ମହାଳିକ ତାଙ୍କୁ ଅପହରଣ କରି ନେଇଥିଲେ। ପରେ ମା'ଙ୍କ ସହାୟତାରେ ବୁଦ୍ଧିଆ ଉକ୍ତ ନାବାଳିକାଙ୍କୁ ନେଇ ଗାଁରେ ଛାଡ଼ି ବାହାରକୁ ପଳାଇଥିଲେ। ଏନେଇ ନାବାଳିକାଙ୍କ ବାପା ଗୋପାଳପୁର ଫାଣ୍ଡିରେ ଜଣାଇଥିଲେ। ସେଠାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଏକ ନିଖୋଜ ମାମଲା (ନଂ. ୧୯୧/୨୦୧୯) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପରେ ଉକ୍ତ ନାବାଳିକାଙ୍କୁ ଅପହରଣ କରାଯାଇ ବଳାତ୍କାର କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଏହି ମାମଲାକୁ ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍‌ସୋ) ରଞ୍ଜନ କୁମାର ସୂତାର ୧୧ଜଣ ସାକ୍ଷ୍ୟ ଓ ୨୧ ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତ ବୁଦ୍ଧିଆ ମହାଳିକଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ରଘୁନାଥ ନୋଡାଲ ଏକାଡେମୀ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ




ସମାରୋହରେ ଉପସ୍ଥିତ ଅତିଥି।

**ଭୋଗରାଇ, ୧୬ା୧୨(ଡି.ଏନ.ଏ.)**

୫୦ ବର୍ଷର ଇତିହାସର ମହକକୁ ବାନ୍ଧି ରଖିଛି ସରସ୍ୱତୀପୁର ରଘୁନାଥ ନୋଡାଲ ଏକାଡେମୀ। ବହୁ ଘାତ ପ୍ରତିଘାତ ମଧ୍ୟରେ ଶିକ୍ଷାପ୍ରେମୀଙ୍କ ଆପ୍ରାଣ ଉଦ୍ୟମରେ ଗଢି ଉଠିଥିବା ଛୋଟ ଶିକ୍ଷାନୁଷ୍ଠାନ ଆଜି ବୃହତ ଶିକ୍ଷାନୁଷ୍ଠାନରେ ପରିଣତ ହୋଇ ଏହି ଅଞ୍ଚଳରେ ଜ୍ଞାନର ଆଲୋକ ବର୍ତ୍ତିକା ପ୍ରଜ୍ୱଳିତ କରୁଛି ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ରଘୁନାଥ ନୋଡାଲ ଏକାଡେମୀର ସୁବର୍ଣ୍ଣଜୟନ୍ତୀ ଉଦ୍‌ଯାପନୀ ସମାରୋହରେ ଅତିଥିମାନେ ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ ଅରୁଣାଂଶୁ ଶେଖର ମାଝିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାକ୍ତନ ଛାତ୍ର ସତ୍ୟନାରାୟଣ ଦାସ ମତ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ସ୍ତମ୍ଭକାର ଗୌତମବୁଦ୍ଧ ଦାସ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଛାତ୍ର ତଥା ବୈଜ୍ଞାନିକ କମଳାକାନ୍ତ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ଘଡ଼ାଇ, ସାହିତ୍ୟିକ ସନ୍ତୋଷ କୁମାର ପାତ୍ର, ଶିକ୍ଷକ ରବୀନ୍ଦ୍ର ଘଡ଼ାଇ, ବର୍ଷିୟାନ କମ୍ୟୁନିଷ୍ଟ ନେତା ଚିତ୍ତରଞ୍ଜନ ଦାସ ଶିକ୍ଷକ କାର୍ତ୍ତିକ ବାରିକ, ଅବସରପ୍ରାପ୍ତ କଲେଜ ଅଧ୍ୟାପକ କାଳା ଚାନ୍ଦ ଦାସ, ପ୍ରାକ୍ତନ ଛାତ୍ର ରାମହରି ସୁର ପ୍ରମୁଖ ଗୌରବମୟ ଇତିହାସ ବଖାଣିଥିଲେ। ଏହି ସମାରୋହରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଫେରାର ଅଭିଯୁକ୍ତ ଗିରଫ

## ଲୁଟ୍ ଟଙ୍କା ଫେରାଇଲା ପୋଲିସ

**ଭଦ୍ରକ ଅଫିସ, ୧୬ା୧୨**

ଭଦ୍ରକ ଓ ବାସୁଦେବପୁରର ବିଭିନ୍ନ ସ୍ଥାନରୁ ଲୋକଙ୍କଠାରୁ ଛିନ୍ତାଇ କରି ଟଙ୍କା ଲୁଟ୍ କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଟାଉନ ପୋଲିସ ଗୁରୁବାର ଗିରଫ କରିଛି। ଶୁକ୍ରବାର ଟାଉନ ଥାନା ପରିସରରେ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଏନେଇ ସୂଚନା ଦେଇଛନ୍ତି। ଗିରଫ ଯୁବକ ହେଲେ ଗଞ୍ଜାମ ଜିଲା ଆସିକା ଥାନା ଅଧୀନ କଳାଷଣ୍ଢପୁର ଗ୍ରାମର ଡି. ଗାନ୍ଧୀ। ସେ ଗତ ନଭେମ୍ବର ୧୪ରେ ବାସୁଦେବପୁର ବଜାର ଧାମରା ବସ୍‌ଷ୍ଟାଣ୍ଡରୁ ଜଣେ ବ୍ୟକ୍ତିଙ୍କଠାରୁ ୩୩ ହଜାର ଟଙ୍କା ଲୁଟ୍ କରିଥିବା ନେଇ ବାସୁଦେବପୁର ଥାନାରେ ମାମଲା (ନଂ. ୫୨୮/୨୨) ରୁଜୁ ହୋଇଥିଲା। ସେହିପରି ଚଳିତମାସ ୬ ତାରିଖରେ ବାସୁଦେବପୁର ବଜାରରୁ ଏକ ବାଇକ୍ ଡିକି ଭାଙ୍ଗି ୫୫ ହଜାର ଟଙ୍କା ଲୁଟ୍ ନେଇ ମାମଲା (ନଂ. ୫୬୩ /୨୨) ରୁଜୁ କରାଯାଇଥିଲା। ଭଦ୍ରକ ଜେଲର ସୁଇପର୍ କରୁଣାକର ମୁଖୀଙ୍କଠାରୁ ଗତ ନଭେମ୍ବର ୧୧ରେ ଟଙ୍କା ଲୁଟ୍ ହୋଇଥିଲା। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଗୁରୁବାର ଅପର୍ଟବିନ୍ଧା ଷ୍ଟେଟବ୍ୟାଙ୍କ ଶାଖା ନିକଟରେ ଏକ ବ୍ୟାଗ୍ ଧରି ଠିଆ ହୋଇଥିବା ଡି. ଗାନ୍ଧୀଙ୍କୁ ସନ୍ଦେହରେ ଥାନାକୁ ନେଇଥିଲା। ଉକ୍ତ ବ୍ୟାଗ୍‌ରୁ ୧ ଲକ୍ଷ ୮୦ ହଜାର ଟଙ୍କା ପୋଲିସ ଜବତ କରିଥିଲା। ଏସବୁ ଟଙ୍କା ଲୁଟ୍ କରିଥିବା ସେ ପୋଲିସ ଆଗରେ ମାନିଥିଲେ। ତାଙ୍କ ପାଖରୁ ୨ ମୋବାଇଲ ଓ ବିଭିନ୍ନ ଆଇଡି କାର୍ଡକୁ ଜବତ କରାଯାଇଛି। ଉଦ୍ଧାର ହୋଇଥିବା ଲୁଟ୍ ଟଙ୍କାକୁ ପୋଲିସ ଅଭିଯୋଗକାରୀମାନଙ୍କୁ ଥାନାକୁ ଡାକି ଫେରାଇ ଦେଇଛି। ଏହି ଲୁଟ୍‌ରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ସିଟି ଡିଏସ୍‌ପି ଦ୍ୱିବେଦୀ କହିଛନ୍ତି।

# ୧୮ରୁ ଗୋନାସିକା କେନ୍ଦୁଝର ମହୋତ୍ସବ

## ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

**କେନ୍ଦୁଝର, ୧୬ା୧୨ (ସ୍ୱ.ପ୍ର./ଡି.ଏନ୍.ଏ)**

କେନ୍ଦୁଝର ଜିଲା ପ୍ରଶାସନ ଆନୁକୂଲ୍ୟରେ ଆସନ୍ତା ୧୮ରୁ ୨୨ ପର୍ଯ୍ୟନ୍ତ ଗୋନାସିକା ମହୋତ୍ସବ ଅନୁଷ୍ଠିତ ହେବ। ୨୫ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା କାଳୀପଡ଼ିଆଠାରେ ଆୟୋଜନ ହେବ। ଏଥି ନିମନ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜିଲାପାଳ ଆଶିଷ ଠାକରେ ଜିଲା ସଂସ୍କୃତି ଭବନ, କେନ୍ଦୁଝରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଥିଲେ। ଏହି ଅବସରରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା, ଖାଦ୍ୟମେଳା, ପୁସ୍ତକମେଳା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପଲ୍ଲିଶ୍ରୀ ମେଳାରେ ରାଜ୍ୟର ୨୬ ଜିଲାର ଏବଂ ଦେଶର ୮ ରାଜ୍ୟର ଶିଳ୍ପୀ, କାରିଗର ଅଂଶଗ୍ରହଣ କରିବେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ, ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ, ଓରମାସ୍‌ର ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ସପନ ଗୋସ୍ୱାମୀ, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାଏକ ଏବଂ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମିଳନୀରେ ଜିଲାପାଳଙ୍କ ସହ ଅନ୍ୟମାନେ।

# 'ଅଧିକାର ପୂର୍ବରୁ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଦରକାର'




ସେମିନାରରେ ମଞ୍ଚାସୀନ ବକ୍ତା ଓ ଅତିଥିବୃନ୍ଦ।

**ଖଇରା, ୧୬ା୧୨(ଡି.ଏନ.ଏ.)**

ତୃତୀୟ ପିଢିରେ ବିକାଶ ଉପରେ ଅଧିକାର ଏକ ପ୍ରମୁଖ ପ୍ରସଙ୍ଗ ଭାବେ ଛିଡା ହୋଇଛି। ଭାରତ ଭଳି ବିକାଶଶୀଳ ଦେଶରେ ବିକାଶ କାର୍ଯ୍ୟରେ ସାଧାରଣ ନାଗରିକମାନେ ନିଜର ଅଧିକାର ଜାହିର କରିବା ପୂର୍ବରୁ ଯେଭଳି ସହଭାଗିତା ରହିବା କଥା ତାହା ରହୁନାହିଁ। କାରଣ ଅଧିକାର ସାବ୍ୟସ୍ତ ପାଇଁ ଯେଭଳି ସୂଚନା ଆବଶ୍ୟକ ସେହି ସୂଚନା ବା ତଥ୍ୟ ସାଧାରଣ ଲୋକଙ୍କ ପାଖରେ ରହୁନାହିଁ। ସମ୍ବିଧାନର ଧାରା ୧ରୁ ୧୦ପର୍ଯ୍ୟନ୍ତ ବିକାଶ ଉପରେ ଅଧିକାର ସମ୍ପର୍କରେ କୁହାଯାଇଥିଲେ ହେଁ ବହୁଭାଗ ଲୋକ ସେ ସମ୍ପର୍କରେ ଅଜ୍ଞ। ଯେଉଁଥିପାଇଁ ଆଜି ଆମ୍ଭେ ପ୍ରକୃତ ବିକାଶ ତଥା ଅନେକ ମୌଳିକ ଅଧିକାରରୁ ବଞ୍ଚିତ। ଏଣୁ ଅଧିକାର ସାବ୍ୟସ୍ତ ପୂର୍ବରୁ ପ୍ରଥମେ ଆମ୍ଭେ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ହେଲେ ବିକାଶ ନାମରେ ଶୋଷଣକୁ ରୋକାଯାଇପାରନ୍ତା ବୋଲି ଖଇରା କଲେଜ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ସେମିନାର ଓ ସ୍ୱାଗତ ଉତ୍ସବରେ ବକ୍ତାମାନେ ଯୋଗଦେଇ ଆଲୋକପାତ କରିଛନ୍ତି। କଲେଜ ଅଧ୍ୟକ୍ଷ ଅରୁଣ କୁମାର ପାତ୍ରୀ ପୌରୋହିତ୍ୟ କରିଥିଲେ। ସେମିନାରର ଶୀର୍ଷକ 'ବିକାଶ ଅଧିକାର-ଅହସ୍ତାନ୍ତରଣୀୟ ମାନବ ଅଧିକାର' ଉପରେ ଆୟୋଜିତ ଏହି ସେମିନାରରେ ସୂଚନା ଆଇନ ଉପରେ ଗବେଷଣା ଜାରି ରଖିଥିବା ବିଶିଷ୍ଟ ଖବରଦାତା ମନୋରଞ୍ଜନ ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରାଧ୍ୟାପକ କମଳାକାନ୍ତ ବିଶ୍ୱାଳ ମୁଖ୍ୟଅତିଥି, ଅଧ୍ୟାପକ ବନମାଳୀ ବାରିକ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଏହି ଉପରୋକ୍ତ ବିଷୟ ଉଲ୍ଲେଖ କରିଛନ୍ତି। ଖଇରା କଲେଜ ବିଭାଗୀୟ ମୁଖ୍ୟ ମହେଶ୍ୱର ମିଶ୍ର ଓ ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀଧର ନାୟକ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ଆର୍ତ୍ତବନ୍ଧୁ ନାୟକ ଅତିଥି ପରିଚୟ ଓ ଅଧ୍ୟାପିକା ଅନିତାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱଳ୍ପ ସଞ୍ଚୟ ଯୋଜନା ବକ୍ତୃତା ପ୍ରତିଯୋଗିତାରେ ଜିଲାରେ ପ୍ରଥମ ହୋଇଥିବା ରାଜନୀତି ବିଜ୍ଞାନ ଛାତ୍ରୀ ସାବିତ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଏମ୍‌ଭି ଚେକିଂ ବେଳେ ବ୍ରାଉନସୁଗାର ଜବତ, ୨ ଗିରଫ

**ଭଦ୍ରକ ଅଫିସ:** ଭଦ୍ରକ ସହର ଗେଲପୁର ନିକଟସ୍ଥ ଜାତୀୟ ରାଜପଥରେ ଗ୍ରାମାଞ୍ଚଳ ଥାନା ପୋଲିସ ଏମ୍‌ଭି (ମୋଟର ଭେଇକିଲ) ଚେକିଂ ବେଳେ ୨ ଯୁବକଙ୍କଠାରୁ ୧୧ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ୨ ଯୁବକଙ୍କୁ ଗିରଫ ସହ ଏକ ବାଇକ୍ ଓ ୨ଟି ମୋବାଇଲ ଜବତ କରାଯାଇଛି। ଗିରଫ ଦୁଇ ଯୁବକ ହେଲେ କଟକ ଜିଲା ଚୌଦ୍ୱାର ନୂଆସାହିର ସମ୍ବିତ ମିଶ୍ର ଓ ନରସିଂହପୁର ଅଧେଇଗୁଣ୍ଡିର ଜ୍ଞାନେନ୍ଦ୍ର ମହାରଣା। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ. ୬୩୭/୨୨) ରୁଜୁ ହୋଇଛି।

## ସଂକ୍ଷେପରେ

### ଡାକ୍ତରଙ୍କୁ ମାଡ଼ ମାରି ଯୁବକ ଗିରଫ

ରାଇରଙ୍ଗପୁର,୧୬।୧୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍‌ଡିଭିଜନାଲ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର ସାଉନା ମୁର୍ମୁଙ୍କୁ ଦୁର୍ବ୍ୟବହାର ସହ ମାଡ଼ମାରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ରାଇରଙ୍ଗପୁର ଟାଉନ ଥାନା ଅଧୀନ ନାଗଭଣ ଗ୍ରାମର ପଙ୍କଜ ସିଂହ(୩୫)। ଏ ନେଇ ଥାନାରେ ଏକ ମାମଲା(ନଂ. ୩୩୨/୨୨) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଜଣେ ମହିଳାଙ୍କ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ କରି ଅଭିଯୁକ୍ତ ପଙ୍କଜ ଗୁରୁବାର ରାତିରେ ହସ୍ପିଟାଲ ୱାର୍ଡରେ ଗଣ୍ଡଗୋଳ କରିବା ସହ ଡାକ୍ତରଙ୍କୁ ମାଡ଼ ମାରିଥିଲେ। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଜଲଙ୍ଗ ଚଣ୍ଡୀ ମନ୍ଦିର ସ୍ୱାଗତ ଫାଟକ ଶିଳାନ୍ୟାସ

ଖଇରା, ୧୬।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ଜଲଙ୍ଗ ଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଥିବା ବେଳେ ଅଧିକ ଆକର୍ଷଣ କରିବା ଲକ୍ଷ୍ୟରେ ସ୍ୱାଗତ ତୋରଣ ପାଇଁ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ୧୦ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ବିଧାୟକଙ୍କ ଦ୍ୱାରା ସୋମବାର ଏହି ସ୍ୱାଗତ ଫାଟକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସରପଞ୍ଚ ମନ୍ଦାକିନୀ ଦାସ, ସମିତିସଭ୍ୟ ନାରାୟଣ ଦାସ, ଯୁବନେତା ସଞ୍ଜୟ ତିଆଡି, ଟ୍ରଷ୍ଟବୋର୍ଡ ଅଧକ୍ଷ ପ୍ରଫୁଲ୍ଲ ଦାସ, ପୂଜକ ତ୍ରୟଲୋକ୍ୟ ତିଆଡି, ବେଣୁଧର ପଣ୍ଡା, ବେଣୁଧର ପଣ୍ଡା ଓ ଉମାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ହାତୀ ଆକ୍ରମଣରେ ମହିଳା ଗୁରୁତର

କେନ୍ଦୁଝର,୧୬।୧୨(ସ୍ୱ.ପ୍ର.): କେନ୍ଦୁଝର ସଦର ରେଞ୍ଜ ଜଙ୍ଗିରା ସେକ୍ସନ ଅନ୍ତର୍ଗତ କଣ୍ଡାପ ଗ୍ରାମରେ ଏକ ଦନ୍ତା ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ମହିଳା ଜଣଙ୍କ ହେଲେ ନାମଲତା ଜୁଆଙ୍ଗ(୫୦) ବୋଲି ଜଣାପଡ଼ିଛି। ସେ ଶୁକ୍ରବାର ସନ୍ଧ୍ୟା ସମୟରେ କଣ୍ଡାପଦାରୁ ବାଡୁଣୀଘେରା ଯାଉଥିଲେ। ପାଟୁଳିକଟା ନିକଟରେ ଗୋଟିକିଆ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ସଦର ରେଞ୍ଜର ବିଜୟ ମହାନ୍ତ, ଜଙ୍ଗିରା ଫରେଷ୍ଟର ଶରତ ପଟ୍ଟନାୟକ, ଫରେଷ୍ଟ ଗାର୍ଡ ନିରଞ୍ଜନ ସେଠୀ, ମୀନା ଲାଗୁରୀ ଏବଂ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଦନ୍ତା ହାତୀଟି ଗୋଠ ଛାଡ଼ି ଏକୁଟିଆ ବୁଲୁଥିବାରୁ ବନ ବିଭାଗ ଏହା ଉପରେ ନଜର ରଖିଥିବା ରେଞ୍ଜର କହିଛନ୍ତି।

# ପାଚିକା ଚୟନରେ ଅନିୟମିତତା ଅଭିଯୋଗ

ରୂପସା, ୧୬।୧୨(ଡି.ଏନ.ଏ.)


କେନ୍ଦ୍ରରେ ତାଲା ପକାଇ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ଲଛମନଖୁଣ୍ଟା-୧ ଅଙ୍ଗନୱାଡ଼ି କେନ୍ଦ୍ରରେ ଶୁକ୍ରବାର ଉତ୍ତେଜନା ଦେଖାଦେଇଛି। ପାଚିକା ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଅଭିଭାବକ ଓ ଗ୍ରାମବାସୀ ହୁରମାତୁନ ବିବି, ହମିରା ବିବି, ରେଶମା ବିବି, ରାସମଣୀ ସିଂ, ଶାନ୍ତି ସିଂ, ମିତା ସିଂ, ସୁଭଦ୍ରା ସିଂ ପ୍ରମୁଖ କେନ୍ଦ୍ରରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଫଳରେ ପିଲାଙ୍କ ପାଠପଢ଼ା ସହ ଖାଦ୍ୟ ରୋଷେଇ ବନ୍ଦ ରହିଥିବା ଜଣାପଡ଼ିଛି।

ଏହି କେନ୍ଦ୍ରରେ ୩୫ ଜଣ ପିଲା ପଢ଼ନ୍ତି। ଅଧିକାଂଶ ପିଲା ଆଦିବାସୀ ବର୍ଗର। ଗତ ୪ବର୍ଷ ଧରି ପାଚିକା ପଦବୀ ଖାଲି ପଡ଼ିଥିଲା। ୨୦୨୦ ଡିସେମ୍ବରରେ ପାଚିକା ନିଯୁକ୍ତି ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ପାଚିକା ପାଇଁ ଗୀତା ସିଂ, ରେଖା ସିଂ ଓ ବୀଣାପାଣି ପ୍ରଧାନ ଆବେଦନ କରିଥିଲେ। ଗତ ନଭେମ୍ବର ୧୯ ତାରିଖରେ ଏହି କେନ୍ଦ୍ରରେ ପାଚିକା ଚୟନ ନିମନ୍ତେ ବିଭାଗ ପକ୍ଷରୁ ବୈଠକ ହୋଇଥିଲା। ବିଭାଗୀୟ ଅଧିକାରୀ ଉପସ୍ଥିତ ନ ଥିବା ଦର୍ଶାଇ ପରବର୍ତ୍ତୀ ପର୍ଯ୍ୟାୟରେ ଚୟନ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ଗତ ୧୫ ତାରିଖରେ ବସ୍ତା ବ୍ଲକ କାର୍ଯ୍ୟାଳୟରେ ଆବେଦନକାରୀଙ୍କୁ ଡକାଯାଇ ବିଭାଗ ପକ୍ଷରୁ ଅକସ୍ମାତ ପରୀକ୍ଷା କରାଯାଇ ବୀଣାପାଣି ପ୍ରଧାନଙ୍କୁ ପାଚିକା ଭାବେ ଚୟନ କରାଯିବାକୁ ବିରୋଧ ହୋଇଛି। ଆଦିବାସୀ ବର୍ଗର ମହିଳା ପାଚିକା ହୋଇପାରିବେ ନାହିଁ ବୋଲି ସେଠାରେ ଉପସ୍ଥିତ ଅଧିକାରୀ

■ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲିଲା

■ପାଠପଢ଼ା, ରୋଷେଇ ବନ୍ଦ

ଆବେଦନକାରୀଙ୍କୁ କହିଥିଲେ ବୋଲି ଅଭିଯୋଗ ହୋଇଛି। ଚୟନ ଲାଗି ବିପୁଳ ଅର୍ଥ କାରବାର ହୋଇଥିବା ଅଭିଭାବକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଇଡ଼ ଲାଇନ ମୁତାବକ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏହି କେନ୍ଦ୍ରରେ ପାଚିକା ଚୟନ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲାବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଅଭିଭାବକ ମହଲରୁ ଚେତାବନୀ ଦିଆଯାଇଛି। ଅଙ୍ଗନୱାଡ଼ି କର୍ମୀ ପୁଷ୍ପମଞ୍ଜରୀ ଦାସ କେନ୍ଦ୍ରରେ ତାଲା ପଡ଼ିବା ଯୋଗୁ ପିଲାଙ୍କୁ ଖାଦ୍ୟଦେବା ଓ ପାଠ ପଢ଼ା ବନ୍ଦ ରହିଥିବା କହିଛନ୍ତି। ସିଡିପିଓ ଦୀପ୍ତିରାଣୀ ସିଂହ ପାଚିକା ପଦବୀ ପାଇଁ ହୋଇଥିବା ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରାର୍ଥୀନୀଙ୍କୁ ଚୟନ କରାଯାଇଛି ବୋଲି କହିଛନ୍ତି। ବିଭାଗୀୟ ଅଧିକାରୀଙ୍କ ପ୍ରତି ହୋଇଥିବା ଅଭିଯୋଗ ମିଥ୍ୟା ବୋଲି ସେ ପ୍ରକାଶ କରିଛନ୍ତି।

# ତହସିଲଦାର, ପୂର୍ବତନ ସରପଞ୍ଚଙ୍କ ନାଁରେ ମାମଲା

ଧାମନଗର,୧୬।୧୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ପଣ୍ଡା ଓ ଆନନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ମାଝିଙ୍କ ବିରୋଧରେ ଧାମନଗର ଥାନାରେ ମାମଲା (ନଂ. ୪୪୯/୨୨) ରୁଜୁ ହୋଇଛି। ଆନନ୍ଦପୁର ପଞ୍ଚାୟତର ବୈତରଣୀ ନଦୀ ଉତେଇପୁର-୨ ବାଲିଘାଟରୁ ବେଆଇନ ଭାବେ ବାଲି ଉଠାଣ ଓ ଚାଲାଣ ନେଇ ସ୍ଥାନୀୟ ଯୁବକ ମନୋଜ କୁମାର ଦାସଙ୍କ ଅଭିଯୋଗକୁ ଭିତ୍ତିକରି ଗୁରୁବାର ସେମାନଙ୍କ ବିରୋଧରେ ମାମଲା ରୁଜୁ କରିଛି ପୋଲିସ। ପ୍ରକାଶ ଯେ, ଉତେଇପୁର-୨ ବାଲିଘାଟକୁ ଶରତ ୨୦୧୭ରେ ନିଲାମ ନେଇଥିଲେ। ୨୦୨୨ ମାର୍ଚ୍ଚ ୩୧ ଯାଏ ବାଲିଘାଟ ଲିଜ୍ ଅବଧି ଥିଲା। ମାର୍ଚ୍ଚ ୩୧ରେ ସିଟିଓ (କନ୍‌ସେଣ୍ଟ ଟୁ ଅପରେଟ) ଅବଧି ସରିଥିବାରୁ ଏହି ବାଲିଘାଟରୁ ଆଉ ବାଲି ଉତ୍ତୋଳନ କରାଯିବା କଥା ନୁହେଁ। ଏନେଇ ତହସିଲ ପକ୍ଷରୁ ଶରତଙ୍କୁ ଅବଗତ କରାଯିବାର ଥିଲା। ଏଥିସହ ଶରତଙ୍କୁ ଦିଆଯାଇଥିବା ଟ୍ରାଞ୍ଜିଟ ପାସ୍ ଫେରସ୍ତ ନେବାର ଥିଲା। ହେଲେ ତହସିଲଦାର ପଣ୍ଡା ଏ ବାବଦରେ ନିରବ ରହି ବେଆଇନ ବାଲି ଉତ୍ତୋଳନକୁ ସମର୍ଥନ କରୁଥିବା ଅଭିଯୋଗ ହୋଇଥିଲା। ଏପରିକି ଏପ୍ରିଲରେ ଏ ସମ୍ପର୍କରେ ଗାଁ ଲୋକେ ତହସିଲଦାରଙ୍କୁ ବାରମ୍ବାର ଜଣାଇଥିଲେ ବି ସେ ନିରବ ରହିଥିଲେ। ପରେ ମନୋଜ ବାଲିଘାଟର ନିଲାମ ସମ୍ପର୍କରେ ସମସ୍ତ ତଥ୍ୟର ସାର୍ଟିଫାଏଡ୍ କପି ମାଗିଥିଲେ। ତହସିଲ ପକ୍ଷରୁ ଏଥିଲାଗି ୭୨ଦିନ ସମୟ ନିଆଯାଇଥିଲା। ସାର୍ଟିଫାଏଡ୍ କପି ପ୍ରଦାନ ପରେ ବାଲିଘାଟ ପାଇଁ ସିଟିଓର ଅବଧି ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଏଥିରୁ

**ବେଆଇନ ଭାବେ ବାଲି ଉତ୍ତୋଳନ, ଚାଲାଣ ଅଭିଯୋଗ**

ଜଣାପଡ଼ିଥିଲା। ଏହାପରେ ସେ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟାଳୟକୁ ଆର୍‌ଟିଆଇ ମାଗି ଜାଣିବାକୁ ପାଇଲେ ଯେ, ଉତେଇପୁର-୨ ବାଲିଘାଟକୁ ଆଉ ସିଟିଓ ପ୍ରଦାନ କରାଯାଇ ନାହିଁ କି ପୁରୁଣା ସିଟିଓର ନବୀକରଣ ହୋଇନାହିଁ। ସମସ୍ତ ତଥ୍ୟକୁ ଭିତ୍ତିକରି ମନୋଜ ଅନ୍‌ଲାଇନ ପ୍ଲାଟଫର୍ମରେ ଏତଲା ଦେଇଥିଲେ। ମାଇନର ମିନେରାଲ ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ ଆକ୍ଟ, ଇନଭାଇରନମେଣ୍ଟ ପ୍ରୋଟେକ୍‌ସନ ଆକ୍ଟ, ୱାଟର ଆକ୍ଟ, ଏୟାର ପଲ୍ୟୁଶନ ଆକ୍ଟ ଏବଂ ସରକାରୀ ସମ୍ପତ୍ତି ଚୋରି ଭଳି ସଙ୍ଗୀନ ଦଫାରେ ମାମଲା ରୁଜୁ ପାଇଁ ସେ ନିବେଦନ କରିଥିଲେ। ପୋଲିସ କେବଳ ଚୋରି ଆକ୍ଟରେ ଦଫା ଲଗାଇଥିବା ମନୋଜ କହିଛନ୍ତି। ଘଟଣାର ତଦନ୍ତ ପରେ ଆବଶ୍ୟକ ହେଲେ ଅନ୍ୟ ଦଫା ସବୁ ଲଗାଯିବ ବୋଲି ଥାନାଧିକରୀ ବନମାଳୀ ବାରିକ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ପଣ୍ଡା କହିଛନ୍ତି, ଉକ୍ତ ବାଲିଘାଟର ଲିଜ୍ ଅବଧି ସରିବା ପୂର୍ବରୁ ଶରତଙ୍କୁ ମାର୍ଚ୍ଚ ୨୨ରେ ଲିଖିତ ଭାବେ ଅବଗତ କରାଯାଇଥିଲା। ସିଟିଓ ନବୀକରଣ ପାଇଁ କୁହାଯାଇଥିଲା। ସେ ମାର୍ଚ୍ଚ ୩୦ ଭିତରେ ନବୀକରଣ ନ କରିବାରୁ ୩୧ରେ ଅବଧି ସରିବା ପରେ ସେଠାରୁ ବାଲି ଉଠାଣ ବନ୍ଦ କରାଯାଇଥିଲା। ପରେ ସେ ୱାଇ ଫର୍ମର ଅପବ୍ୟବହାର କରି ବାଲି ଉଠାଣ କରିଥିଲେ ଦଣ୍ଡ ପାଇବେ। ତେବେ ତାଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ନେଇ କୌଣସି ନୋଟିସ୍ ଆସି ନ ଥିବା ତହସିଲଦାର କହିଛନ୍ତି।

# ଆଖଣ୍ଡଳମଣିଙ୍କ ପାଖରେ ଲାଗି ହେଲା ଧନୁମୁଆଁ

ଆରଡ଼ି,୧୬।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ଶୁକ୍ରବାର ଧନୁସଂକ୍ରାନ୍ତିରେ ପରମ୍ପରା ଅନୁସାରେ ବାବାମଣିଙ୍କୁ ଧନୁମୁଆଁ ସମର୍ପଣ କରାଯାଇଛି। ଭୋର ୪ଟା ୩୦ରେ ମନ୍ଦିର ପହଡ଼ ଖୋଲିଲା ପରେ ବିଧି ଅନୁସାରେ ମଙ୍ଗଳ ଆଳତି କରାଯାଇ ବାବାଙ୍କ ସ୍ନାନ ସମାପନ କରାଯାଇଥିଲା। ଏହାପରେ ବାବା ଆଖଣ୍ଡଳମଣିଙ୍କୁ ପଞ୍ଚାନନ ବେଶରେ ସଜ୍ଜିତ କରାଯାଇଥିଲା ଓ କର୍ପୂର ଆଳତି କରାଯାଇ ବାଲ୍ୟଭୋଗରେ ଧନୁମୁଆଁ ସମର୍ପଣ କରାଯାଇଥିଲା।

ପ୍ରଥାନୁଯାୟୀ ପୂର୍ବେ ସ୍ଥାନୀୟ ବାରପଡ଼ା ଅଞ୍ଚଳର ଚାଷୀମାନେ ସେମାନଙ୍କ ପ୍ରଥମ ଶସ୍ୟରେ ଖଇମୁଆଁ ପ୍ରସ୍ତୁତ କରି ବାବା ଆଖଣ୍ଡଳମଣିଙ୍କ ଉଦ୍ଦେଶ୍ୟରେ ନିଜ ନିଜ ଘରେ ଭୋଗ ଦେଉଥିଲେ। ସେହିଦିନ ପୀଠକୁ ଯାଇ ବାବାମଣିଙ୍କୁ ଦର୍ଶନ କରିବା ସହ ସେଠାରେ ଦୋକାନରୁ ମୁଆଁ


ମନ୍ଦିରରେ ବାବା ଆଖଣ୍ଡଳମଣିଙ୍କୁ ଧନୁମୁଆଁ ସମର୍ପଣ କରାଯାଉଛି।

କିଣି ଭୋଗ ସମର୍ପଣ କରୁଥିଲେ। ସେହିପରି ସେବାୟତ ପରିବାର ନିଜ ଘରେ ଖଇ, ଛେନା, ନଡ଼ିଆ, ଚିନି, ଜୁଆଣି, ଅଦା, କର୍ପୂର ଓ ବାଦାମରେ ପ୍ରସ୍ତୁତ ମୁଆଁ ବାବାଙ୍କ ପାଖରେ ଭୋଗ ଲାଗି କରୁଥିଲେ। ଏହି ପ୍ରଥା ଏବେବି ବଜାୟ ରହିଛି। ଧନୁ ସଂକ୍ରାନ୍ତିରେ ପ୍ରଥମେ ପାଳିଆ ସେବାୟତ ଓ ପରେ ସମସ୍ତ ସେବାୟତଙ୍କ ପରିବାର ପକ୍ଷରୁ ମୁଆଁ ଭୋଗ ବାବାଙ୍କୁ ସମର୍ପଣ କରାଯାଇଥିଲା। ବାବାଙ୍କୁ ସମର୍ପିତ ଧନୁ ମୁଆଁ ଖାଇଲେ ଶୀତଦିନେ ହେଉଥିବା ବିଭିନ୍ନ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସଂକ୍ରାନ୍ତି ଅବସରରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।

# ତତ୍ତ୍ୱାବଧାରିକା, ମାଟ୍ରନଙ୍କ ବଦଳି

**ଜିଲା ସମାଜ ମଙ୍ଗଳାଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ**

ଠାକୁରମୁଣ୍ଡା, ୧୬।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା କସ୍ତୁରବା ପରିସରରେ ଥିବା ଆଦିବାସୀ ବାଳିକା ଛାତ୍ରୀ ନିବାସର ଅନ୍ତେବାସୀ ଖାଇବାକୁ ନ ପାଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି କାନ୍ଦିବା ଘଟଣାରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କରାଯାଇଛି। କାର୍ଯ୍ୟରେ ଅବହେଳା କରିଥିବା ନେଇ ଛାତ୍ରୀନିବାସ ଦାୟିତ୍ୱରେ ଥିବା ଠାକୁରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଗତ ୧୫ ତାରିଖରେ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଏହାର ଦିନକ ପରେ ଶୁକ୍ରବାର ଆଦିବାସୀ ବାଳିକା ଛାତ୍ରୀ ନିବାସର ୨ ତତ୍ତ୍ୱାବଧାରିକା ଓ ଜଣେ ମାଟ୍ରନଙ୍କୁ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜ୍ଞପ୍ତି ନଂ. ୬୦୬୦ ଅନୁଯାୟୀ ବଦଳି କରିଛନ୍ତି। ମାଟ୍ରୋନ କଳ୍ପନା ନାଏକଙ୍କୁ ଫଗୁ ପ୍ରାଥମିକ ବିଦ୍ୟାଳୟର ଆଦିବାସୀ ଛାତ୍ରୀନିବାସକୁ ବଦଳି କରି ସେହି ବିଦ୍ୟାଳୟ ଛାତ୍ରୀ ନିବାସର ମାଟ୍ରନ ମମତା ବେହେରାଙ୍କୁ କସ୍ତୁରବା ପରିସରରେ ଥିବା ଆଦିବାସୀ ଛାତ୍ରୀ ନିବାସରେ ନିଯୁକ୍ତି ଦିଆଯାଇଛି। ସେହିପରି ଠାକୁରମୁଣ୍ଡା ଆଦିବାସୀ ଛାତ୍ରୀ ନିବାସର ତତ୍ତ୍ୱାବଧାରିକା ରାଇମଣି ଲୁଗୁନ ଓ ଶାନ୍ତିଲତା ଗାଗରାଇଙ୍କୁ ଠାକୁରମୁଣ୍ଡା ବ୍ଲକ ଚମକପୁର ଆଦିବାସୀ ଛାତ୍ରୀନିବାସକୁ ବଦଳି କରାଯାଇଛି। ସେଠାରେ ଥିବା ତତ୍ତ୍ୱାବଧାରିକା ସୌଭାଗିନୀ ବିଶ୍ୱାଳ ଓ ସୁମିତ ନାଏକଙ୍କୁ ଠାକୁରମୁଣ୍ଡା କସ୍ତୁରବା ବିଦ୍ୟାଳୟ ପରିସରରେ ଥିବା ଆଦିବାସୀ ଛାତ୍ରୀ ନିବାସରେ ନିଯୁକ୍ତି ଦିଆଯାଇଛି।

# ଭତ୍ତା ୩ ଗୁଣ ବୃଦ୍ଧି କରାଯାଉ

ଭଦ୍ରକ ଅଫିସ, ୧୬।୧୨

**ସଂସଦରେ ଦାବି ରଖିଲେ ଏମ୍‌ପି**

ସଂସଦର ଶୀତକାଳୀନ ଅଧିବେଶନ ଶୂନ୍ୟକାଳ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଗୁରୁବାର ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓଡ଼ିଶାରେ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ମଞ୍ଜୁର ହେଉଥିବା ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ବିଧବା ଭତ୍ତାକୁ ୩ ଗୁଣ ବୃଦ୍ଧି ପାଇଁ ଦାବି ରଖିଛନ୍ତି। ସେ ବାଚସ୍ପତିଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏମ୍‌ପି ମଣ୍ଡଳ କହିଛନ୍ତି ଯେ, ଇନ୍ଦିରା ଗାନ୍ଧୀ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୬୦-୭୯ ବୟସ ବାର୍ଦ୍ଧକ୍ୟ ଭତ୍ତା ବାବଦରେ କେନ୍ଦ୍ରୀୟ ଅଂଶ ୨ ଶହ ଟଙ୍କା ଓ ରାଜ୍ୟ ଅଂଶ ୩ ଶହ ମିଶି ମୋଟ ୫ଶହ ଟଙ୍କା, ୮୦ ବର୍ଷରୁ ଊର୍ଦ୍ଧ୍ୱ ବାର୍ଦ୍ଧକ୍ୟ ଭତ୍ତା ବାବଦରେ କେନ୍ଦ୍ରୀୟ ଅଂଶ ୫ଶହ ଓ ରାଜ୍ୟ ଅଂଶ ୨ଶହ ମିଶି ମୋଟ ୭ଶହ, ବିଧବା ଭତ୍ତା ବାବଦରେ କେନ୍ଦ୍ରୀୟ ଅଂଶ ୩ ଶହ ଓ ରାଜ୍ୟ ଅଂଶ ୨ ଶହ ମିଶି ମୋଟ ୫ ଶହ ଟଙ୍କା, ଦିବ୍ୟାଙ୍ଗ ଭତ୍ତା ବାବଦକୁ କେନ୍ଦ୍ରୀୟ ଅଂଶ ୩ ଶହ ଓ ରାଜ୍ୟ ଅଂଶ ୪ ଶହ ମିଶି ମୋଟ ୭ଶହ ଟଙ୍କା, ପରିବାରର କୌଣସି ବ୍ୟକ୍ତିଙ୍କ ଆକସ୍ମିକ


ଏମ୍‌ପି ମଞ୍ଜୁଲତା ମଣ୍ଡଳ।

ମୃତ୍ୟୁ ହେଲେ ଏକକାଳୀନ ୨୦ ହଜାର ଟଙ୍କା ପାଉଛନ୍ତି। ଦିନକୁ ଦିନ ଦରଦାମ୍ ବୃଦ୍ଧି ଘଟୁଥିବା ବେଳେ ଏହି ସ୍ୱଳ୍ପ ଭତ୍ତା ଅର୍ଥରେ ମାସେ ପାଇଁ ନିଜର ଗୁଜୁରାଣ ମେଣ୍ଟାଇବା ଅତ୍ୟନ୍ତ କଷ୍ଟସାଧ ହୋଇଥିବାରୁ କେନ୍ଦ୍ରୀୟ ଅଂଶ ତିନିଗୁଣ ବୃଦ୍ଧି କରାଯିବାକୁ ଏମ୍‌ପି ଦାବି ରଖିଛନ୍ତି।

# ରାଜସ୍ୱ ଗ୍ରାମ ମାନ୍ୟତା ପାଇବ ୮୬ ପଡ଼ା

ବାରିପଦା ଅଫିସ,୧୬।୧୨

ଓଡ଼ିଶା ରାଜସ୍ୱ ପରିଷଦ ନିର୍ଦ୍ଦେଶ କ୍ରମେ ସମ୍ପ୍ରତି ରାଜ୍ୟର ବିଭିନ୍ନ ହାମ୍‌ଲେଟ ଗ୍ରାମ ବା ପଡ଼ା ରାଜସ୍ୱ ଗ୍ରାମ ମାନ୍ୟତା ପାଇବାକୁ ଯାଉଛି। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତଦନୁଯାୟୀ ମୟୂରଭଞ୍ଜ ଜିଲାର ୮୬ଟି ପଡ଼ା ରାଜସ୍ୱ ଗ୍ରାମ ମାନ୍ୟତା ପାଇବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି। ଫଳରେ ଜିଲାର ମୋଟ ରାଜସ୍ୱ ଗ୍ରାମ ସଂଖ୍ୟା ୪୦୮୨ରେ ପହଞ୍ଚିବ। ପୂର୍ବରୁ ଜିଲାର ୩୦ ତହସିଲ କାର୍ଯ୍ୟାଳୟ ଅଧୀନରେ ୩୯୯୬ଟି ରାଜସ୍ୱ ଗ୍ରାମ ରହିଥିଲା। ନୂତନ ଭାବେ ରାଜସ୍ୱ ଗ୍ରାମ ମାନ୍ୟତା ପାଇବାରେ ରାଜସ୍ୱ ବିଭାଗର ଭୂଲେଖ ପୋର୍ଟାଲରେ ଗ୍ରାମର ସମସ୍ତ ତଥ୍ୟ ଆପଲୋଡ୍ ହେବା ସାଙ୍ଗକୁ ଜମିଜମା ପଟ୍ଟା ଓ ରେକର୍ଡପତ୍ର ସଂଶୋଧନ ହେବ। ଏହା ସହିତ ସରକାରଙ୍କ ପକ୍ଷରୁ ରାଜସ୍ୱ ଗ୍ରାମ ପାଇଁ ପ୍ରଣିତ ଯୋଜନାର ମଧ ବିକେନ୍ଦ୍ରୀକରଣ ଦ୍ୱାରା ବସବାସ କରୁଥିବା ଗ୍ରାମବାସୀ ଉପକୃତ ହେବେ। ଅତିରିକ୍ତ ଜିଲାପାଳ(ରାଜସ୍ୱ)ଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ନୂତନ ଭାବେ ରାଜସ୍ୱ ଗ୍ରାମ ମାନ୍ୟତା ପାଇବାକୁ ୨୫୨ଟି ପଡ଼ା ବା ହାମ୍‌ଲେଟ ଗ୍ରାମ ଚିହ୍ନଟ କରାଯାଇ ତା'ର ବିସ୍ତୃତ ସୂଚନା ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗକୁ ପଠାଯାଇଥିଲା। ସେଠାରୁ ଓଡ଼ିଶା ରାଜସ୍ୱ ପରିଷଦର ଅନୁମୋଦନ ପରେ ୮୬ଟି ଗ୍ରାମ ଯୋଗ୍ୟ ବିବେଚିତ ହୋଇଛି। ତେବେ ପ୍ରସ୍ତାବ ଯାଇଥିବା ଆଉ ୧୬୬ଟି ପଡ଼ା ବିଭିନ୍ନ ସର୍ତ୍ତାବଳୀ ପୂରଣ କରୁ ନ ଥିବାରୁ ଅନୁମୋଦନ ପାଇ ନ ଥିବା ଜଣାପଡ଼ିଛି।

# ସଭାପତି ଜଗଦୀଶ, ସମ୍ପାଦକ ସୂର୍ଯ୍ୟକାନ୍ତ


ବାର୍ଷିକ ସାଧାରଣ ବୈଠକରେ ଟ୍ୟାକ୍ସବାର ଆସୋସିଏଶନ କର୍ମକର୍ତ୍ତା।

ବାଲେଶ୍ୱର ଅଫିସ,୧୬।୧୨

**ଟ୍ୟାକ୍ସବାର ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା**

ବାଲେଶ୍ୱର ସିଟି, ଜିଏସ୍‌ଟି ଅଫିସ ପରିସରରେ ଥିବା ସଭାଗୃହରେ ବାଲେଶ୍ୱର ଟ୍ୟାକ୍ସବାର ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ, ଉପସଭାପତି ସମରେନ୍ଦ୍ର ନାଥ ଦାସ, ସମ୍ପାଦକ ସୂର୍ଯ୍ୟକାନ୍ତ କର, ସହ-ସମ୍ପାଦକ ସୁବାସ ଚନ୍ଦ୍ର ମାସନ୍ତ ଓ ବିଜୟ କୁମାର ରାଉତ, କୋଷାଧ୍ୟକ୍ଷ ଲମ୍ବୋଧର ହୋତା, ଉପକୋଷାଧ୍ୟକ୍ଷ ଶୁଭଶ୍ରୀ ମହାପାତ୍ରଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକାରୀ/କାର୍ଯ୍ୟକାରିଣୀ ସଭ୍ୟ ଭାବେ ବିକ୍ରମକେଶରୀ ମହାନ୍ତି, ତୁଷାର ଦୋଷୀ, ଆଲୋକ ମିଶ୍ର, ଅନନ୍ତ ବାରିକ, ସୁବାସିନୀ ନାୟକ, ସିଦ୍ଧାନ୍ତ ଶଙ୍କର ମହାପାତ୍ର, ବିପ୍ଳବ ଦାସ, ଦେବାଶିଷ ମହାନ୍ତି, ଚିତ୍ତରଞ୍ଜନ ଦାସ, ଜ୍ୟୋତି ରଞ୍ଜନ ମହାନ୍ତି, ନିଶାନ୍ତ ପଟ୍ଟନାୟକ, ଯୁଧିଷ୍ଠିର ପରମାଣିକ ଏବଂ ଉପଦେଷ୍ଟା ଭାବେ ବିରେନ୍ଦ୍ର କୁମାର ସେନାପତି, ବେଣୁଧର ରାଉଳ, ଜନ୍ମଜୟ ବଳ, ଜିତେନ୍ଦ୍ର ପାଣି, ମଦନ ମୋହନ ସାହୁଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ବିରେନ୍ଦ୍ର କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ରୟାଲ ଟାଇଗର ଚାମ୍ପିୟନ

## ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ

ଗୋପବନ୍ଧୁ ନଗର,୧୬।୧୨(ଡି.ଏନ.ଏ.)

ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତ ବାଲିସାହିସ୍ଥିତ ମା' ଗଡ଼ ବାସୁଳି ଏସ୍‌ଟି କ୍ଲବ ପକ୍ଷରୁ ୧୧ତମ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟକୁ ସମିତି ସଭ୍ୟ ଦିବାକର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ଏଫ୍‌ସି ମୟୁରଭଞ୍ଜ କଡ଼ଦା ଟିମ୍‌କୁ ୧-୦ ଗୋଲରେ ପରାସ୍ତ କରି ବାଲେଶ୍ୱର ରୟାଲ ଟାଇଗର ଚଳିତ ବର୍ଷ ଚାମ୍ପିୟନ ହୋଇଥିଲା। ବିଜେତା ଦଳକୁ ୧୭ ହଜାର ଓ ରନର୍ସ ଅପ୍ ଦଳକୁ ୧୨ ହଜାର ଟଙ୍କାର ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଯୁବ ନେତା ସନାତନ ନାୟକ, ତପୁ ରାଜ, ପୂର୍ବତନ ସରପଞ୍ଚ ଯଦୁନାଥ ସିଂ, ପ୍ରାକ୍ତନ ସମିତି ସଭ୍ୟ କେଶବ ଚନ୍ଦ୍ର ଦାଶ ଓ ମୋହନ ସିଂ, ୱାର୍ଡ ମେମ୍ବର ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ଅଜୟ ସିଂ, ସମ୍ପାଦକ ବସନ୍ତ ସିଂ, ବୁଧିଆ ସିଂ, ସୁମନ୍ତ ସିଂ, ପୂନ ସିଂ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଜାନୁୟାରୀ ସୁଦ୍ଧା ମେଡିକାଲ କଲେଜ କାମ ସାରିବାକୁ ନିର୍ଦ୍ଦେଶ

**ପୂର୍ତ୍ତ, ଖଣି ବିଭାଗ ମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ**



ଅଧିକାରୀ ଓ କମ୍ପାନୀ କର୍ମଚାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରୁଛନ୍ତି।

**କେନ୍ଦୁଝର,୧୬।୧୨(ସ୍ୱ.ପ୍ର.):** ପୂର୍ତ୍ତ ଏବଂ ଖଣି ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଦିନିକିଆ କେନ୍ଦୁଝର ଗସ୍ତରେ ଆସିଥିଲେ। ଗସ୍ତରେ ମନ୍ତ୍ରୀ କେନ୍ଦୁଝର ମେଡିକାଲ କଲେଜ ଓ ବୋଦାପଲସାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ବୁଲି ଦେଖିଥିଲେ। ଜାନୁୟାରୀ ସୁଦ୍ଧା ମେଡିକାଲ କଲେଜ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ କେନ୍ଦୁଝର ସହରସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ବିଭାଗର ଅଧିକାରୀମାନଙ୍କ ଉପସ୍ଥିତିରେ ସମୀକ୍ଷା କରିଥିବା ଜଣାପଡ଼ିଛି। ପ୍ରଥମେ ତେଲକୋଇ-ବିମଳା ରାସ୍ତାର ଅଗ୍ରଗତି ଦେଖିଥିଲେ। କେନ୍ଦୁଝର ସରକାରୀ ମେଡିକାଲ କଲେଜକୁ ଯାଇ ଲାବରେଟୋରି, ପରୀକ୍ଷା ହଲ୍, ମ୍ୟୁଜିୟମ୍, ଅଧ୍ୟାପକ କମନ୍‌ରୁମ୍, ଶବଗୃହ, ଅଡିଟୋରିୟମ, କନଫରେନ୍ସ ହଲ, ଏକାଡେମିକ ବ୍ଲକ୍, ୬୦ ଶଯ୍ୟା ବିଶିଷ୍ଟ ନର୍ସ ହଷ୍ଟେଲ ବୁଲି ଦେଖିବା ସହ ଛାତ୍ରୀଛାତ୍ର ତଥା ପ୍ରଫେସରମାନଙ୍କ ସହ ଆଲୋଚନା କରିଥିଲେ। ମେଡିକାଲ କଲେଜ କାମ ଜାନୁୟାରୀ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୋଦାପଲସାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ୨୦୦ ଶଯ୍ୟା ବିଶିଷ୍ଟ ବାଳକ ଛାତ୍ରାବାସ ବୁଲି ଦେଖିବା ସହ ଶୀଘ୍ର କାମ ସାରିବାକୁ କହିଥିଲେ। ଅପରାହ୍ନରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାୟକ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଜିଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ଅଚ୍ୟୁତାନନ୍ଦ ଦାସ, ଅଧୀକ୍ଷଣ ଯନ୍ତ୍ରୀ ଇଂ ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍‌ଡୋର ଷ୍ଟାଡିୟମ କାର୍ଯ୍ୟ ଅନୁଧ୍ୟାନ କଲେ ମନ୍ତ୍ରୀ

ଯୋଡ଼ା,୧୬।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଯୋଡ଼ା ପୌରପାଳିକା ଅନ୍ତର୍ଗତ ୯ ନଂ. ୱାର୍ଡ ଯୋଡ଼ା ହାଇସ୍କୁଲ ପଛ ପାର୍ଶ୍ୱରେ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ଇନ୍‌ଡୋର ଷ୍ଟାଡ଼ିୟମ ନିର୍ମାଣ ହେଉଛି। କେନ୍ଦୁଝର ଗସ୍ତରେ ଆସିଥିବା ଖଣି, ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କାର୍ଯ୍ୟର ଭିତ୍ତିଭୂମି ତଦାରଖ ଓ କାର୍ଯ୍ୟର ସମୀକ୍ଷା କରିଥିଲେ। ଷ୍ଟାଡ଼ିୟମ ନିର୍ମାଣର ଅବଧି, ମାନ, ନିର୍ମାଣ ଶୈଳୀ ଓ କାର୍ଯ୍ୟର ସ୍ୱଚ୍ଛତା ସମ୍ବନ୍ଧରେ ଆରଆଣ୍ଡବି ଏସଡିଓ ଅଶୋକ ମହାପାତ୍ର ଏବଂ ଷ୍ଟାଡିୟମ ନିର୍ମାଣକାରୀ ଠିକାସଂସ୍ଥାର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନୁଧ୍ୟାନ ସମୟରେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଯୋଡ଼ା ପୌରପାଳିକା ଅଧକ୍ଷ ଡଃ ଜଗଦୀଶ ପ୍ରସାଦ ସାହୁ, ଯୋଡ଼ା ପୌର ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ, ଆରଆଣ୍ଡବିର ସିସି ଅଚ୍ୟୁତାନନ୍ଦ ଦାସ, ଯୋଡ଼ା ପୌରପାଳିକା ପୌରଯନ୍ତ୍ରୀ (ଭାରପ୍ରାପ୍ତ) ଭକ୍ତବନ୍ଧୁ ମହାନ୍ତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

